# ଓଡ଼ିଶାରେ ଭୂମିକମ୍ପ, ଲୋକେ ଆତଙ୍କିତ

**ଭୁବନେଶ୍ୱର, ୯।୮/ ଏନ୍‌ଏନ୍‌ଏସ୍:**

ଗୁରୁବାର ଭୋରବେଳା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏକ ଛୋଟ ଧରଣର ଭୂମିକମ୍ପ ଅନୁଭୂତ ହୋଇଯାଇଛି । ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ଅନୁଗୁଳରେ ଥିଲା । ଏହାର ପ୍ରଭାବରେ ବୌଦ୍ଧ ସଦର, କଟକ, ଢେଙ୍କାନାଳ ସଦର, ନୟାଗଡ଼ ଆଦି ସ୍ଥାନରେ କମ୍ପନ ଅନୁଭୂତ ହୋଇଥିଲା । ଭୋର ୩.୦୩ ଘଣ୍ଟା ସମୟରେ ଏହି ଭୂକମ୍ପ ଅନୁଭୂତ ହୋଇଥିବା ରେକର୍ଡ଼ ହୋଇଛି । ରିକ୍ଟର ସ୍କେଲରେ ଏହାର ସାନ୍ଦ୍ରତା ଥିଲା ୩.୬ । ଭୂପୃଷ୍ଠର ୧୦ କିଲୋମିଟର ତଳେ ଭୂକମ୍ପ କେନ୍ଦ୍ର ରହିଥିଲା । ଏଥିରେ କୌଣସି କ୍ଷୟକ୍ଷତି ହୋଇନଥିଲେ ମଧ୍ୟ ଲୋକେ ଭୟଭୀତ ହୋଇପଡ଼ିଥିଲେ ।

ନିତିଦିନ NITIDIN Fri, Aug 10, 2018
http://odishanewsnitidin.com